# ଓଡିଶାରେ ଏନ୍.ଆର୍.ଇ.ଜି.ଏ. - ବାପ ପୁଅ ରାତି ଅନିଦ୍ରା, ମୁଗୁରା ପଛ ମେଲା

## ଏକ ବହୁଳ-ପ୍ରଚାରିତ କାର୍ଯ୍ୟକ୍ରମ

ସମସ୍ତେ ଜାଣନ୍ତି, ଦେଶର ପ୍ରତି ଗ୍ରାମଞ୍ଚଳ ପରିବାରକୁ ବର୍ଷରେ ଅନ୍ତତଃ ୧୦୦ଦିନର ମଜୁରି ଶ୍ରମ ଯୋଗାଇଦେବା ତଥା ଏହାର ପ୍ରମୁଖ ଆନୁଷଙ୍ଗିକ ଉଦ୍ଦେଶ୍ୟ ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସମୂହ ସଂପଦ ସୃଷ୍ଟି କରିବାର ମହାନ ଲକ୍ଷ୍ୟ ନେଇ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ ଗତ ୨ ଫେବୃଆରୀ, ୨୦୦୬ ଠାରୁ ପ୍ରଥମେ ଓଡିଶାର ୧୯ଟି ଜିଲ୍ଲା ସମେତ ଦେଶର ୨୦୦ଟି ଅନୁନ୍ନତ ଜିଲ୍ଲାରେ କାର୍ଯ୍ୟକାରିତା ଲାଭ କରିଥିଲା । ଆଗାମୀ ପହିଲା ଏପ୍ରିଲ୍ ଠାରୁ ଏହା ଦେଶର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି ଆଇନ୍ ଅନୁଯାୟୀ ଜଣେ ଇଚ୍ଛୁକ ଗ୍ରାମବାସୀ କାମ ପାଇଁ ଆବେଦନ କରିବାର ୧୫ଦିନ ମଧ୍ୟରେ କାମ ନପାଇଲେ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର । ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ଅର୍ଥର ସିଂହଭାଗ ଅର୍ଥାତ୍ ମଜୁରି ଏବଂ ପ୍ରଶାସନିକ ବ୍ୟୟକୁ କେନ୍ଦ୍ର ସରକାର ବହନ କରିଥାନ୍ତି, ଏବଂ ରାଜ୍ୟ ସରକାର କେବଳ ନିର୍ମାଣ-ସାମଗ୍ରୀ ଓ ଅର୍ଦ୍ଧ-କୁଶଳୀ ଓ କୁଶଳୀ ଶ୍ରମିକମାନଙ୍କ ମଜୁରି ବ୍ୟୟର ଏକଚତୁର୍ଥାଂଶ, ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ପ୍ରଶାସନିକ ବ୍ୟୟ ତଥା ବେକାରୀଭତ୍ତା ବାବଦ ବ୍ୟୟ ବହନ କରିଥାନ୍ତି । ଜଣେ ଶ୍ରମିକର ପ୍ରାପ୍ୟ ସମ୍ବନ୍ଧରେ ଆଇନ୍‌ର ଭାଷା ସୁସ୍ପଷ୍ଟ ଥିଲେ ହେଁ ଉପରୁ ତଳସ୍ତର ପର୍ଯ୍ୟନ୍ତ ଏହାର କାର୍ଯ୍ୟକାରିତାକୁ ଦିଗ୍‌ଦର୍ଶନ ଦେବା ପାଇଁ ଜାତୀୟ ସ୍ତରରେ ସଂଯୋଜକ ସଂସ୍ଥା ରୂପେ କାର୍ଯ୍ୟ କରୁଥିବା ଗ୍ରାମଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ସୁବିସ୍ତୃତ ମାର୍ଗଦର୍ଶୀକା ପ୍ରସାରିତ କରାଯାଇଛି ତଥା କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଗଠିତ ହୋଇସାରିଛି । ଆମ ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଶା ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍-୨୦୦୬ ସହିତ ମଜୁରି ଓ ପ୍ରଶାସନ ସମ୍ବନ୍ଧରେ ଅନ୍ୟୂନ ୮ଟି ବିଜ୍ଞପ୍ତି ଘୋଷିତ ହୋଇଛି ତଥା କାର୍ଯ୍ୟକ୍ରମର ନିର୍ମଳ ଓ ସୁଚାରୁ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ମଧ୍ୟ ଗଠିତ ହୋଇସାରିଛି । ସର୍ବୋପରି ବିଭିନ୍ନ ଗଣମାଧ୍ୟମରେ ଉଭୟ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଅଗ୍ରଗତି ଏବଂ ସୁଫଳ ସମ୍ବନ୍ଧରେ ତୁହାକୁ ତୁହା ଡିଣ୍ଡିମ ପିଟା ଅବ୍ୟାହତ ରହିଆସିଛି । କିନ୍ତୁ ପ୍ରଶ୍ନ ହେଉଛି, ଯେଉଁ ମାନଙ୍କ ପାଇଁ ଏହି ଆଇନ୍ ଏବଂ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ, ସେମାନଙ୍କ ପାଖରେ ଏହା ପ୍ରକୃତରେ କେତେଦୂର ପହଞ୍ଚି ପାରିଛି ?

## ଓଡିଶାରେ ବିପୁଳ ଅର୍ଥବ୍ୟୟ

ଭାରତ ସରକାରଙ୍କ ୱେବ୍‌ସାଇଟ୍ ଅନୁଯାୟୀ ୨୦୦୬-୦୭ ଆର୍ଥିକ ବର୍ଷରେ ଓଡିଶାର ୧୯ଟି ଜିଲ୍ଲାରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତା ପାଇଁ ମୋଟ୍ ୮୯୦ କୋଟି ୧୮ ଲକ୍ଷ ୬୬ ହଜାର ଟଙ୍କା ଉପଲବ୍ଧ ହୋଇଥିଲା ଏବଂ ସେଥିମଧ୍ୟରୁ ଖର୍ଚ୍ଚ ହୋଇଥିଲା ୭୩୩ କୋଟି ୪୬ ଲକ୍ଷ ୬୨ହଜାର ଟଙ୍କା, ଯାହାକି ପ୍ରାୟ ଶତକଡା ୮୨.୩୯ ଭାଗ । ସେହିବର୍ଷ ମୋଟ ୧୩ଲକ୍ଷ ୯୪ହଜାର ୧୬୯ଟି ପରିବାର ଉପକୃତ ହୋଇଥିଲେ ତଥା ୭କୋଟି ୯୯ଲକ୍ଷ ୩୪ ହଜାର କର୍ମଦିବସ ସୃଷ୍ଟି ହୋଇଥିଲା । ପୁଣି ୨୦୦୭-୦୮ ବର୍ଷରେ ଗତ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ୨୪ଟି ଜିଲ୍ଲା ପାଇଁ ମିଳିଛି ମୋଟ୍ ୬୦୪ କୋଟି ୭୨ ଲକ୍ଷ ୫୧ ହଜାର ଟଙ୍କା, ଏବଂ ଏଥିରୁ ବ୍ୟୟ ହୋଇଛି ୩୩୯ କୋଟି ୮୬ଲକ୍ଷ ୧୪ହଜାର ଟଙ୍କା, ଯାହାକି ଶତକଡା ୫୬.୨ ଭାଗ । ଏହି ୯ମାସ ଭିତରେ ମୋଟ୍ ୭ଲକ୍ଷ ୬୨ହଜାର ୮୧୮ଟି ପରିବାର ଉପକୃତ ହୋଇଛନ୍ତି ତଥା ୨କୋଟି ୭୧ଲକ୍ଷ ୭୯ହଜାର କର୍ମଦିବସ ସୃଷ୍ଟି ହୋଇପାରିଛି । ଏଠାରେ ଉଲ୍ଲେଖନୀୟ ଯେ, ଗତ ୨୮ ଏପ୍ରିଲ୍ ୨୦୦୭ରେ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗର ବିଜ୍ଞପ୍ତି ଅନୁଯାୟୀ ପୂର୍ବ ପ୍ରଚଳିତ ନ୍ୟୂନତମ ଦୈନିକ ମଜୁରି ୫୫ଟଙ୍କାକୁ ଗତ ମେ ପହିଲା ଠାରୁ ୭୦ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଛଡା ଆଗାମୀ ପହିଲା ଏପ୍ରିଲ୍ ଠାରୁ ରାଜ୍ୟର ବାକୀ ୬ଟି ଜିଲ୍ଲାରେ ଏହି ଆଇନ୍ କାର୍ଯ୍ୟକାରୀ ହେବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ସମସ୍ତ ସରକାରୀ ପରିସଂଖ୍ୟାନରୁ ମନେହେବ, ଅନ୍ୟସବୁ ସରକାରୀ କାର୍ଯ୍ୟକ୍ରମ କଥା ଦୂରେ ଥାଉ, କେବଳ ଏହି ଗୋଟିଏ କାର୍ଯ୍ୟକ୍ରମ ବଳରେ ସତେ ଯେପରି ରାଜ୍ୟର ଗାଁଗଣ୍ଡାରେ ଆଉ ବେକାରୀ ନାହିଁ ଏବଂ ଦାରିଦ୍ର୍ୟ ଦ୍ରୁତଗତିରେ ହଟି ଚାଲିଛି ।

## ଡକ୍ଟର ପର୍ଶୁରାମ ରାୟ ରିପୋର୍ଟ

ବିଡମ୍ବନା ବଶତଃ ଏହି କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଓଡିଶାର ବିଭିନ୍ନ ସ୍ଥାନରେ ପୂର୍ବଭଳି ଅନାହାର ମୃତ୍ୟୁ, ଅପୁଷ୍ଟି ମୃତ୍ୟୁ, ଦାରିଦ୍ର୍ୟ ଜନିତ ଆତ୍ମହତ୍ୟା, ପିଲାବିକ୍ରୀ, ଶିଶୁମୃତ୍ୟୁ ଏବଂ ହଇଜାମୃତ୍ୟୁ ଭଳି ଅଘଟଣମାନ ଘଟିଚାଲିଲା । ରାଜ୍ୟ ଭିତରେ ଏବଂ ବାହାରେ ଏହି ପ୍ରଶ୍ନ ସ୍ୱାଭାବିକ ଭାବେ ଉଙ୍କି ମାରିଲା ଯେ, ଯଦି ଗାଁଗଣ୍ଡାର ପୁରୁଷ-ସ୍ତ୍ରୀ ନିର୍ବିଶେଷରେ ପ୍ରତି ସାବାଳକ ବ୍ୟକ୍ତିଙ୍କୁ ଜଣପିଛା ୭୦ଟଙ୍କାର ଦୈନିକ ମଜୁରି ମିଳୁଛି, ତେବେ ସେ ଅନହାର ବା ଅପୁଷ୍ଟି ପାଇଁ ମରିବ କାହିଁକି ବା ତା ପିଲାକୁ ବିକ୍ରୀ କରିବ କାହିଁକି ? ଏହି ବିବେକ-ଦଂଶନକାରୀ ପ୍ରଶ୍ନରେ ଆନ୍ଦୋଳିତ ହୋଇ ଦିଲ୍ଲୀର ଏକ ବେସରକାରୀ ସଂସ୍ଥା 'ସେଣ୍ଟର୍ ଫର୍ ଏନ୍‌ଭାଏରନ୍‌ମେଣ୍ଟ ଆଣ୍ଡ ଫୁଡ୍ ସିକ୍ୟୁରିଟି' ତରଫରୁ ଏହାର ନିର୍ଦ୍ଦେଶକ ଡକ୍ଟର ପର୍ଶୁରାମ ରାୟ ଗତ ମେ-ଜୁନ୍ ୨୦୦୭ରେ ଓଡିଶାର ୬ଟି ଅନୁନ୍ନତ କେ.ବି.କେ. ଜିଲ୍ଲା (ବଲାଙ୍ଗିର, କଳାହାଣ୍ଡି, ନୂଆପଡା, କୋରାପୁଟ୍, ନବରଙ୍ଗପୁର ଓ ରାୟଗଡା)ର ମୋଟ ୧୦୦ ଗ୍ରାମକୁ ଅଚାନକ ଗସ୍ତ କରି ଏହି ଆଇନ୍‌ର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିଥିଲେ । ବିଶଦ୍ ପ୍ରାମାଣିକ ତଥ୍ୟ ଉପରେ ଆଧାରିତ ଏହି ଅନୁଧ୍ୟାନର ଏକ ସୁବିସ୍ତୃତ ବିବରଣୀ ଗତ ୧୭ ଅଗଷ୍ଟରେ ଦିଲ୍ଲୀଠାରେ ପ୍ରକାଶ ପାଇଥିଲା ଏବଂ ଲୋକସଭା ସମେତ ଜାତୀୟ ଏବଂ ରାଜ୍ୟସ୍ତରରେ ଏହା ଏକ ବୌଦ୍ଧିକ ଆଲୋଡନ ସୃଷ୍ଟି କରିଥିଲା । ଏହି ରିପୋର୍ଟରେ କୁହାଯାଇଥିଲା ଯେ, "ଓଡିଶାରେ ଖର୍ଚ୍ଚ ହୋଇଥିବା ଏନ୍.ଆର୍.ଇ.ଜି.ଏ. ଅର୍ଥର ପ୍ରାୟ ୭୫ଭାଗ ସରକାରୀ ବାବୁମାନଙ୍କ ଦ୍ୱାରା ଲୁଟି ନିଆଯାଇଛି ଏବଂ ସେମାନେ ଏହି ଲୁଟିବା କାର୍ଯ୍ୟକୁ ମିଳିମିଶି ଏବଂ ସଂଗଠିତ ଭାବେ ସଂପାଦନ କରିଛନ୍ତି" । ଏହି ରିପୋର୍ଟ ପ୍ରକାଶିତ ହେଲା ପରେ ୧୭ ସେପ୍ଟେମ୍ବର, ୨୦୦୭ରେ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ କେନ୍ଦ୍ରୀୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରୀ ରଘୁବଂଶ ପ୍ରସାଦ ସିଂହ ଘୋଷଣା କରିଥିଲେ ଯେ, ଅର୍ଥ-ତୋଷରପାତ ସମ୍ବନ୍ଧରେ ଉତ୍‌ଥାପିତ ଅଭିଯୋଗକୁ ଭାରତ ସରକାରଙ୍କ ସି.ଏ.ଜି. (ମହା ହିସାବ ନିୟନ୍ତ୍ରକ ଓ ସମୀକ୍ଷକ) ଅନୁସନ୍ଧାନ କରିବେ ଏବଂ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଏହାର ଅନୁସନ୍ଧାନ କରିବା ଆବଶ୍ୟକ । ୟା ଭିତରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ଅନୁସନ୍ଧାନ ରିପୋର୍ଟ ସର୍ବସାଧାରଣ ଦୃଷ୍ଟିକୁ ଆସିନାହିଁ । କିନ୍ତୁ ଗତ ଡିସେମ୍ବର, ୨୦୦୭ରେ ସି.ଏ.ଜି. ନିଜ ରିପୋର୍ଟର ବିଷୟବସ୍ତୁକୁ କେନ୍ଦ୍ର ସରକାରଙ୍କୁ ଜଣାଇବା ପରେ ତାହା ଗଣମାଧ୍ୟମ ଜରିଆରେ ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହୋଇଛି । ଡକ୍ଟର ରାୟଙ୍କ ରିପୋର୍ଟ ଏବଂ ସି.ଏ.ଜି. ରିପୋର୍ଟ ପରସ୍ପରର ପରିପୂରକ; କାରଣ ଡକ୍ଟର ରାୟ ଜଣେ ବେସରକାରୀ ବ୍ୟକ୍ତି ହୋଇଥିବାରୁ ସାଧାରଣ ଗ୍ରାମବାସୀମାନେ କିପରି ସେମାନଙ୍କ ନ୍ୟାଯ୍ୟ ପାଉଣାରୁ ବଞ୍ଚିତ ହୋଇଛନ୍ତି କେବଳ ତହିଁର ପ୍ରମାଣ ସେ ଦେଇପାରିଥିଲେ । କିନ୍ତୁ ସି.ଏ.ଜି. ଏକ କ୍ଷମତାସମ୍ପନ୍ନ ସରକାରୀ ସଂସ୍ଥା ହୋଇଥିବାରୁ ସରକାରୀ ବାବୁମାନେ ଗ୍ରାମବାସୀମାନଙ୍କର ଏହି ନ୍ୟାଯ୍ୟ ପାଉଣାକୁ କି କି ଜାଲିଆତି ବଳରେ ଲୁଟିନେବାରେ ସକ୍ଷମ ହୋଇଛନ୍ତି, ତହିଁର ଅକାଟ୍ୟ ପ୍ରମାଣମାନ ନମୂନା ସ୍ୱରୂପ ତାଙ୍କ ରିପୋର୍ଟରେ ସ୍ଥାନିତ କରିଛନ୍ତି । ବର୍ତ୍ତମାନ ସେହି ସି.ଏ.ଜି. ରିପୋର୍ଟର ଓଡିଶା ଅଧ୍ୟାୟର କେତେକ ଝଲକ ଦେଖିବା ।

## ସି.ଏ.ଜି. ରିପୋର୍ଟ

ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଅନୁସନ୍ଧାନ ପାଇଁ ସି.ଏ.ଜି. ଅଚାନକ ନମୂନା ଚୟନ (ରାଣ୍ଡମ୍ ସାମ୍ପଲିଂ) ପଦ୍ଧତିରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଗସ୍ତ କରି ସରକାରୀ ଦଲିଲ୍‌ପତ୍ରକୁ ଯାଞ୍ଚ, ସେଗୁଡିକୁ ଇଣ୍ଟରନେଟ୍‌ରେ ପ୍ରଦର୍ଶୀତ ତଥ୍ୟାବଳୀ ସହ ତୁଳନା ତଥା ସଂପୃକ୍ତ ସରକାରୀ ଅଧିକାରୀ, ପଞ୍ଚାୟତ କର୍ମକର୍ତ୍ତା ଏବଂ ସାଧାରଣ ଗ୍ରାମବାସୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ୧୨ଟି ଅନୁଧ୍ୟାନ ବ୍ଲକ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ, ୨୦୦୬-୦୭ରେ ଏକ ଲକ୍ଷ ଅଶୀ ହଜାର ପଂଜିକୃତ ପରିବାରଙ୍କ ଭିତରୁ ଇଣ୍ଟରନେଟ୍‌ର ତଥ୍ୟ ଅନୁଯାୟୀ ମାତ୍ର ୫୧୫୮ଟି ପରିବାରଙ୍କୁ ୧୦୦ଦିନର କର୍ମନିଯୁକ୍ତି ମିଳିପାରିଥିଲା, ଯାହାକି ଶତକଡା ୩ରୁ କମ୍ । କିନ୍ତୁ ବାସ୍ତବରେ ଏହି ୫୧୫୮ଜଣଙ୍କୁ ୧୦୦ଦିନର କର୍ମନିଯୁକ୍ତି ମିଳିଥିବାର ତଥ୍ୟ ମଧ୍ୟ ସନ୍ଦେହଜନକ, କାରଣ ନମୂନା ସ୍ୱରୂପ ୧୪ଟି କାର୍ଯ୍ୟପତ୍ରକୁ ଯାଞ୍ଚ କଲାପରେ ଜଣା ପଡିଥିଲା ଯେ, ୧୩ ଟି କାର୍ଯ୍ୟପତ୍ର (ପ୍ରାୟ ଶତକଡା ୯୩)ରେ ମିଥ୍ୟା ତଥ୍ୟ ପରିବେଷିତ ହୋଇଛି । ପୁଣି ୪ ଗ୍ରାମ ପଞ୍ଚାୟତରେ ୧୨୧ଟି ପରିବାରଙ୍କୁ ୧୦୦ଦିନର କାମ ମିଳିଛି ବୋଲି ଦର୍ଶିତ ହୋଇଥିବା ବେଳେ ପ୍ରକୃତରେ ମାତ୍ର ୩ଟି ପରିବାର (ଶତକଡା ଅଢେଇରୁ କମ୍)ଙ୍କୁ ଏହା ମିଳିପାରିଛି । କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ୨୧ଟି ଗ୍ରାମରେ ନିଯୁକ୍ତ ବୋଲି

ଦର୍ଶୀତ ହୋଇଥିବା ୧୪୨ଟି ପରିବାର ସହ କଥାବାର୍ତ୍ତାରୁ ଜଣା ପଡିଥିଲା ଯେ, ୯୮ଟି ପରିବାର (ଶତକଡା ୬୯ରୁ ଅଧିକ) ମୋଟେ ଏପରି ନିଯୁକ୍ତି ପାଇନାହାନ୍ତି, ଏବଂ ୧୧୭ଟି ପରିବାରଙ୍କୁ ମୋଟ୍ ୩ଲକ୍ଷ ୪୧ ହଜାର ଟଙ୍କାର ମଜୁରି ମିଳିଥିଲା ବେଳେ ଇଣ୍ଟରନେଟ୍‌ରେ ତଥା ମଷ୍ଟର୍ ରୋଲ୍‌ରେ ଏହି ପରିମାଣକୁ ୫ଲକ୍ଷ ୭୬ହଜାର ଟଙ୍କା ବୋଲି ଦର୍ଶାଯାଇଛି । କଳାହାଣ୍ଡିର ଭବାନୀପାଟଣା ବ୍ଲକ୍‌ରେ ତିନୋଟି ନମୂନା ଭିତରୁ ଦୁଇଟି କ୍ଷେତ୍ରରେ ଏପ୍ରିଲ୍-ମେ ୨୦୦୭ରେ କାର୍ଯ୍ୟ କରିଥିବା ୧୮୬ଜଣ ଶ୍ରମିକଙ୍କୁ ସେମାନଙ୍କର ମୋଟ୍ ମଜୁରି ପ୍ରାପ୍ୟ ୯୬ହଜାର ଟଙ୍କା ସେପ୍ଟେମ୍ବର ଶେଷସୁଦ୍ଧା ଅର୍ଥାତ୍ ୬/୭ ମାସ ବିତିଲା ପରେ ବି ଦିଆଯାଇ ନଥିଲା, ଏବଂ ତୃତୀୟ କ୍ଷେତ୍ରରେ ମଷ୍ଟର୍ ରୋଲ୍ ମଧ୍ୟ ଉପଲବ୍ଧ ନଥିଲା । ଯଦିଓ ଆଇନ୍ ଅନୁଯାୟୀ ବେକାରୀ ଭତ୍ତା ପଇଠ କରିବାର ପ୍ରାବ୍ଧାନ ରହିଛି, କିନ୍ତୁ ଓଡିଶା କ୍ଷେତ୍ରରେ ରାଜ୍ୟ ସରକାର ୨୦୦୬-୦୭ରେ ଏଥିପାଇଁ କୌଣସି ବଜେଟ୍ ବ୍ୟବସ୍ଥା କରିନଥିଲେ । ୧୨ଟି ସର୍ବେକ୍ଷଣ ବ୍ଲକ୍‌ରେ ୫୧୪୩ ପଂଜିକୃତ ପରିବାର କାର୍ଯ୍ୟ ପାଇଁ ଦାବୀ କରିଥିଲେ ବି ସେମାନଙ୍କୁ କାର୍ଯ୍ୟ କିମ୍ବା ବେକାରୀ ଭତ୍ତା ଦିଆଯାଇନଥିଲା । ଠିକାଦାରଙ୍କ ନଯୁକ୍ତିକୁ ନିଷେଧ କରାଯାଇଥିଲେ ହେଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍‌ରେ ଫେବୃଆରି ୨୦୦୬ରୁ ନଭେମ୍ବର ୨୦୦୬ ମଧ୍ୟରେ ମୋଟ୍ ୭କୋଟି ୫୫ଲକ୍ଷ ଟଙ୍କାର ୧୪୬ଟି ପ୍ରକଳ୍ପ-କାର୍ଯ୍ୟକୁ ତଥାକଥିତ ଭି.ଏଲ୍.ଏଲ୍.ମାନଙ୍କ ନାଁରେ ଅଥଚ ଠିକାଦାରମାନଙ୍କ ଜରିଆରେ ତଥା ଡିସେମ୍ବର ୨୦୦୬ ଠାରୁ ବିଭିନ୍ନ ସରକାରୀ ବିଭାଗର ନାଁକୁ ବ୍ୟବହାର କରି ବସ୍ତୁତଃ ଜୁନିଅର୍ ଇଞ୍ଜିନିଅର୍ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯାଇଥିଲା । ଏହି ଠିକାଦାରଗଣ ଓ ଜୁନିଅର୍ ଇଞ୍ଜିନିଅର୍ ପ୍ରଥମେ ନିଜ ହାତରୁ ପଇସା ଖର୍ଚ୍ଚ କରି ଏବଂ କୌଣସି ଟେଣ୍ଡର ନଡାକି ସାମଗ୍ରୀ କିଣିଛନ୍ତି ଓ ମଜୁରି ପଇଠ କରିଛନ୍ତି ଏବଂ ତା'ପରେ ନିଜେ ମନମୁଖୀ ଢଙ୍ଗରେ ମାପଚୁପ୍ ଓ ଅନ୍ୟାନ୍ୟ ବିଲ୍‌ଭାଉଚର ପ୍ରସ୍ତୁତ କରି ଏନ୍.ଆର୍.ଇ.ଜି.ଏ. ଅର୍ଥ ହଡପ୍ କରିଛନ୍ତି । ବଲାଙ୍ଗିର ଜିଲ୍ଲାର ପାଟଣାଗଡ ବ୍ଲକ୍‌ର ତିନୋଟି କ୍ଷେତ୍ରରେ ମୂଳ ମଷ୍ଟର୍ ରୋଲ୍‌ରେ ୪୫ଜଣ ଶ୍ରମିକଙ୍କ ନିଯୁକ୍ତି ତାରିଖକୁ ଅନ୍-ଲାଇନ୍ ତଥ୍ୟ ପ୍ରେରଣ ସମୟରେ ଅଦଳବଦଳ କରାଯାଇଛି । ୨୦୦୬-୦୭ ମସିହାରେ ଭବାନୀପାଟଣାର ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏନ୍.ଆର୍.ଇ.ଜି.ଏ. ପାଣ୍ଠିରୁ ୨୯ଲକ୍ଷ ୮୫ହଜାର ଟଙ୍କା ଉଠାଇ ମନମୁଖୀ ଭାବେ କେତେକ କାର୍ଯ୍ୟ କରିଛନ୍ତି, ଯେଉଁଥିରେ ଜଣେ ସୁଦ୍ଧା ପଂଜିକୃତ ଶ୍ରମିକ ନିଯୁକ୍ତ ହୋଇନାହାନ୍ତି । ପୁଣି ସେହି ଅଧିକାରୀ ବଜାରରେ ମିଳୁଥିବା ନକଲି ମଷ୍ଟର୍ ରୋଲ୍‌କୁ ମଜୁରି ପଇଠର ରେକର୍ଡ ପାଇଁ ବ୍ୟବହାର କରିଛନ୍ତି । ସେହି ଅଧିକାରୀଙ୍କ ଦ୍ୱାରା ୪୬ଟି ପ୍ରକଳ୍ପ କାର୍ଯ୍ୟର କ୍ରୟାନ୍ୱୟନରେ ବିଳମ୍ବ ଯୋଗୁଁ ମୋଟ୍ ୩୫ ଲକ୍ଷ ୩ହଜାର ଟଙ୍କାର ଅପଚୟ ଘଟିଯାଇଛି । ଜାତୀୟ ଖାଦ୍ୟ ପାଇଁ କାମ ଯୋଜନା ଅଧୀନରେ ଚାଲୁଥିବା ୭ଟି କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଦୁଇଟି ସଂସ୍ଥା ଏନ୍.ଆର୍.ଇ.ଜି.ଏ. ପାଣ୍ଠିରୁ ମୋଟ୍ ୪୭ଲକ୍ଷ ୮୦ହଜାର ଟଙ୍କା ନେଇଛନ୍ତି, କିନ୍ତୁ ସେମାନେ ଏସବୁର କ୍ରିୟାନ୍ୱୟନ ପ୍ରକ୍ରିୟାରେ ଏନ୍.ଆର୍.ଇ.ଜି.ଏ.ର କୌଣସି ନୀତିନିୟମ ମାନିନାହାନ୍ତି । ଭବାନୀପାଟଣା ବ୍ଲକ୍‌ରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାରକ ସଂସ୍ଥା ଦ୍ୱାରା ୧୬ରୁ ୩୦ମାର୍ଚ୍ଚ ୨୦୦୭ ମଧ୍ୟରେ ୧ଲକ୍ଷ ୭୬ହଜାର ଟଙ୍କାର ମଜୁରି ପଇଠ ହୋଇଛି ବୋଲି ଦର୍ଶାଇବା ପାଇଁ ମଷ୍ଟର୍ ରୋଲ୍‌ର ମୂଳ ପୃଷ୍ଠା ଉପରେ ଆଉ ଏକ କାଗଜ ଲଗାଯାଇଛି । ୧୮ଟି ମଷ୍ଟର୍ ରୋଲ୍‌ରେ ୭ଜଣ ମୃତ ବ୍ୟକ୍ତିଙ୍କୁ ମୋଟ୍ ୧୧,୫୨୧ଟଙ୍କା ପଇଠ କରାଯାଇଛି, ଏବଂ ପୁଣି ୫୪୮ଟି ଶ୍ରମଦିବସ ବାବଦରେ ମୋଟ୍ ୪୪,୮୫୯ ଟଙ୍କା ପଇଠ କରାଯାଇଛି ଏଭଳି ବ୍ୟକ୍ତିମାନଙ୍କୁ, ଯେଉଁମାନଙ୍କ ଭିତରେ ଅଛନ୍ତି ବବାହ ପରେ ଗାଁ ଛାଡିଥିବା ଝିଅମାନେ, ସହରରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ଗାଁ ବାହାରେ କର୍ମନିଯୁକ୍ତ ବ୍ୟବସାୟୀ ଏବଂ କର୍ମଚାରୀବୃନ୍ଦ । କେନ୍ଦୁଝରର ଏବଂ ବଲାଙ୍ଗିର ଜିଲ୍ଲାରେ ୨୧ଜଣ ଶ୍ରମିକଙ୍କୁ ମୋଟ୍ ୧୫୫ କାର୍ଯ୍ୟଦିବସ ମିଳିଥିବା ବେଳେ ମଷ୍ଟର୍ ରୋଲ୍ ତଥା ଇଣ୍ଟରନେଟ୍‌ରେ ଏହାକୁ ୭୬୨ କାର୍ଯ୍ୟଦିବସ (ପ୍ରାୟ ୫ଗୁଣ) ବୋଲି ଦର୍ଶାଯାଇଛି । କଳାହାଣ୍ଡିର ନର୍ଲା ବ୍ଲକ୍‌ରେ ୧୧ଜଣ ଶ୍ରମିକ ଏକା ଦିନଗୁଡିକରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି ଓ ଏବାବଦରେ ୨୩,୨୮୨ଟଙ୍କା ମଜୁରି ପାଇଛନ୍ତି । କଳାହାଣ୍ଡି ଜିଲ୍ଲାର ଲୁଇସିଙ୍ଗା ଓ ଭବାନୀପାଟଣା ବ୍ଲକ୍ ତଥା ଆଉ ୩ଟି ଗ୍ରାମ ପଞ୍ଚାୟତରେ ୨୦୦୬-୦୭ ବର୍ଷରେ ଏନ୍.ଆର୍.ଇ,ଜି.ଏ. ପାଣ୍ଠିକୁ ଭିନ୍ନ ଉଦ୍ଦେଶ୍ୟ, ଯଥା କର୍ମଚାରୀଙ୍କ ବେତନ ଏବଂ ବିପର୍ଯ୍ୟୟ ସହାୟତା ବାବଦରେ ବ୍ୟୟ କରାଯାଇଥିଲା, ଏବଂ ଏ ବାବଦରେ ମୋଟ ୧୧ଲକ୍ଷ ୧୬ହଜାର ଟଙ୍କାକୁ ଭରଣା କରାଯାଇନାହିଁ । ଭବାନୀପାଟଣା ବି.ଡି.ଓ. ଅନିୟମିତ ଢଙ୍ଗରେ ଆନୁଷଙ୍ଗିକ ପାଣ୍ଠିରୁ ମୋଟ୍ ୧୧ଲକ୍ଷ ୩୭ହଜାର ଟଙ୍କା ଉଠାଇ ବିବିଧ ବ୍ୟୟ ନାମରେ ଅପଚୟ କରିଛନ୍ତି । ୧୩ଜଣ କର୍ମଚାରୀ ଓ ପୂର୍ବତନ କର୍ମଚାରୀ ମୋଟ୍ ୭୧ଲକ୍ଷ ୭୪ହଜାର ଟଙ୍କାର ଅଗ୍ରୀମ ଉଠାଣ କରିଥିଲେ ହେଁ ସେମାନେ ୬ରୁ ୯ମାସ ବିତିଗଲା ପରେ ବି ଆବଶ୍ୟକୀୟ ଭାଉଚର୍ ଦାଖଲ କରିନାହାନ୍ତି । କଳାହାଣ୍ଡି ଜିଲ୍ଲା ପ୍ରକୃତ ପକ୍ଷେ ୪୯ଲକ୍ଷ ୮୦ହଜାର ଟଙ୍କା ଖର୍ଚ୍ଚ କରିଥିଲେ ହେଁ ମାର୍ଚ୍ଚ ୨୦୦୬ରେ ୭୦ଲକ୍ଷ ୨ହଜାର ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ କରିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ହୋଇଥିବା ମଷ୍ଟର୍ ରୋଲ୍‌ର ପ୍ରରୂପ (ଫର୍ମାଟ୍) ଓଡିଶାରେ ଅନୁସରଣ କରାଯାଇନାହିଁ କି ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ପ୍ରଦର୍ଶୀତ ହୋଇନାହିଁ । ଅଭିଯୋଗ ରେଜିଷ୍ଟର୍ ମଧ୍ୟ କେଉଁଠି ଅନୁରକ୍ଷିତ ହୋଇନାହିଁ । ଅତିରିକ୍ତ ଅର୍ଥମଞ୍ଜୁରି ପାଇଁ ଦାବୀ କଲାବେଳେ ଗ୍ରାମପଞ୍ଚାୟତମାନେ ବିନିଯୁକ୍ତ ଅର୍ଥର ସଦୁପଯୋଗ ସମ୍ବନ୍ଧରେ ଜନସଜାଗତା ଏବଂ ତଦାରଖ କମିଟିର ରିପୋର୍ଟକୁ ସଂଲଗ୍ନ କରିନାହାନ୍ତି । ପ୍ରତି ଛ ମାସରେ ଅନ୍ତତଃ ଥରକ ପାଇଁ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା ମଞ୍ଚ ଆୟୋଜିତ ହେବା କଥା, କିନ୍ତୁ ଏହା କେଉଁଠି ହୋଇନାହିଁ । ରାଜ୍ୟ ସରକାରଙ୍କ ଦ୍ୱାରା କେଉଁଠି ହେଲେ ଯାଞ୍ଚ କରାଯାଇନାହିଁ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତତଃ ଏକ ଦଶମାଂଶ କାର୍ଯ୍ୟକୁ କିମ୍ବା ବ୍ଲକ୍ ତରଫରୁ ସମସ୍ତ କାର୍ଯ୍ୟକୁ ଖୋଲପଣ ଯାଞ୍ଚ କରାଯିବାର ବ୍ୟବସ୍ଥାକୁ ଅନୁପାଳନ କରାଯାଇନାହିଁ । ଗ୍ରାମ ସ୍ତରରେ ଜନସଜାଗତା ଓ ତଦାରଖ କମିଟି ଗଠନ କରାଯାଇନାହିଁ ।

**ମୁଖ୍ୟମନ୍ତ୍ରୀ ଓ ପରିଷଦ ଉତ୍ତରଦାୟୀ**

ଏନ୍.ଆର୍.ଇ.ଜି.ଏ.-୨୦୦୫ର ଧାରା ୧୨(୩) ଅନୁଯାୟୀ ଗୋଟିଏ ରାଜ୍ୟରେ ଏହାର କାର୍ଯ୍ୟକାରିତା ପ୍ରକ୍ରିୟାରେ ଦେଖା ଯାଉଥିବା ସମସ୍ୟା ଓ ଅସୁବିଧାଗୁଡିକର ଦୂରୀକରଣ କରିବାର ମୂଳ ଦାୟିତ୍ୱ ହେଉଛି ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ । ଆଇନତଃ ଏହି ପରିଷଦ ଆଇନ୍ ଲାଗୁ ହେବା ସଙ୍ଗେସଙ୍ଗେ ଗଢା ହେବା କଥା, କାରଣ ଏହା ହେଉଛି ଗୋଟିଏ ରାଜ୍ୟ ଭିତରେ ସର୍ବୋଚ୍ଚ ତଦାରଖକାରୀ ସଂସ୍ଥା । ଏହି ପରିଷଦକୁ ତୁରନ୍ତ ଗଠନ ପାଇଁ ସିଭିଲ୍ ସୋସାଇଟି ସଂଗଠନମାନେ ମୂଳରୁ ଦାବୀ କରି ଆସୁଥିଲେ, କିନ୍ତୁ ସରକାର ଏହି ଦାବୀକୁ ଟାଳି ଚାଲିଥିଲେ । ସି.ଏ.ଜି.ଙ୍କ ଦ୍ୱାରା ଅନୁଧ୍ୟାନ ଆରମ୍ଭ ହେବା ଏବଂ ବହୁ କେଳେଙ୍କାରି ଲୋକଲୋଚନକୁ ଆସିବା ପରେ ରାଜ୍ୟ ସରକାର ବାଧ୍ୟ ହୋଇ ନିକଟ ଅତୀତରେ, ୨୮ ନଭେମ୍ବର ୨୦୦୭ରେ ପରିଷଦର ଗଠନ ସମ୍ବନ୍ଧରେ ଚୁପ୍‌ଚାପ୍ ଏକ ବିଜ୍ଞପ୍ତି (ଦ୍ରଷ୍ଟବ୍ୟ: ବିଜ୍ଞପ୍ତି ସଂଖ୍ୟା-୨୩୪୦) ଗେଜେଟ୍‌ରେ ଜାରି କରିଛନ୍ତି, କିନ୍ତୁ କୌଣସି ଗଣମାଧ୍ୟମରେ ଏବିଷୟରେ ଟିକିଏ ମାତ୍ର ସୂଚନା ଦିଆଯାଇନି । ବଡ କୌତୂହଳର ବିଷୟ, ଠିକ୍ ଏହିଭଳି ଅର୍ଦ୍ଧ-ଗୋପନୀୟ ଢଙ୍ଗରେ ପ୍ରାୟ ଏକବର୍ଷ ଦୁଇମାସ ତଳେ ରାଜ୍ୟ ସରକାର ୧୬, ଡିସେମ୍ବର ୨୦୦୬ରେ ଏହି ଆଇନ୍ ଅଧୀନସ୍ଥ ମୁଖ୍ୟ ଦଲିଲ୍ ଓଡିଶା ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍-୨୦୦୬କୁ ଗେଜେଟ୍‌ରେ ଘୋଷଣା କରିଥିଲେ । ନିକଟରେ ଘୋଷିତ ହୋଇଥିବା ୨୧ସଭ୍ୟ ବିଶିଷ୍ଟ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦରେ ପ୍ରମୁଖ ଶାସନ-ସଚିବ ଏବଂ ୧୧ଟି ବିଭିନ୍ନ ବିଭାଗର ସଚିବଙ୍କୁ ନେଇ ୧୨ଜଣ ସରକାରୀ ସଭ୍ୟ, ୭ଜଣ ବେସରକାରୀ ସଭ୍ୟ ଏବଂ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ତଥା ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି । ବର୍ତ୍ତମାନ ଏହି ପରିଷଦର ପ୍ରମୁଖ କାର୍ଯ୍ୟ ହେବା ଉଚିତ୍, ଉଭୟ ପର୍ଶୁରାମ୍ ରାୟ ଏବଂ ସି.ଏ,ଜି.ଙ୍କ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ହଡପ୍ ହୋଇଥିବା ଅର୍ଥକୁ ସଂପୃକ୍ତ ଅଧିକାରୀ, ପଞ୍ଚାୟତ କର୍ମକର୍ତ୍ତା ଓ ଠିକାଦାରମାନଙ୍କ ଠାରୁ ଅସୁଲ୍ କରିବା ଏବଂ ନିଜର ନ୍ୟାଯ୍ୟ ପାଉଣାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଶ୍ରମିକମାନଙ୍କୁ କ୍ଷତିପୂରଣ ସହ ଏହାକୁ ଫେରାଇଦେବା ତଥା ଆଇନ୍ ଏବଂ ମାର୍ଗଦର୍ଶୀକାକୁ ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଆଇନ୍‌ର ଧାରା-୨୫ ଅନୁଯାୟୀ କେଶ୍ ରଜୁ କରି ଆବଶ୍ୟକୀୟ କାର୍ଯ୍ୟବିଧି ଆୟୋଜନ କରିବା ପାଇଁ ପରିଷଦ ନିଜ ତରଫରୁ ତତ୍ପରତା ଦେଖାଇବା ନିହାତି ଜରୁରୀ । ପରିଷଦର ଏତାଦୃଶ ଭୂମିକା ଆମରାଜ୍ୟରେ ଏଯାବତ୍ ଲକ୍ଷ୍ୟଭ୍ରଷ୍ଟ ହୋଇଥିବା ଏନ୍.ଆର୍.ଇ.ଜି.ଏ.କୁ ଠିକଣା ବାଟକୁ ଆଣି ପାରିବ, ନଚେତ୍ ବୁଝାପଡିବ, ମୁଖ୍ୟମନ୍ତ୍ରୀଙ୍କ ସମେତ ପରିଷଦର ସମସ୍ତ ସଭ୍ୟସଭ୍ୟା ରାଜକୋଷ-ଲୁଟେରାଙ୍କ ଶିରସ୍ତ୍ରାଣ ଭାବେ କାର୍ଯ୍ୟ କରୁଛନ୍ତି ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt. 30th January 2008